

ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ରହିଥାଏ।
- ମହାତ୍ମାଗାନ୍ଧୀ



# ମସ୍ୟ, କଚ୍ଛପ ବେଶ ଧରିଲେ ତିନି ଠାକୁର



କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ବେଶ।



ଜୟପୁର ବାଙ୍କମଠରେ ମସ୍ୟ, କଚ୍ଛପ ବେଶରେ ଶ୍ରୀଜୀଉ।



କୋଟପାଡ଼ରେ ତିନିଠାକୁରଙ୍କ ବେଶ।



ଦାମନଯୋଡ଼ିରେ ଅବତାରୀ ବେଶରେ ତିନି ଠାକୁର।

# ମଣ୍ଡି ସହ ଘରେ ପଡ଼ିଛି ୮୦ ହଜାର କୁଇଣ୍ଟାଲ ଧାନ

## ତାତିଲେ ଚାଷୀ, ରାଜପଥ ଅବରୋଧ ସହ ସମବାୟ ଅଫିସ୍‌ରେ ପଡ଼ିଲା ତାଲା

କୋଟପାଡ଼/ଜୟପୁର,୬/୭ (ଡି.ଏନ୍.ଏ./ନି.ପ୍ର.)

ଧାନ କିଣାଯିବାର ଶେଷ ତାରିଖ ଥିଲା ଜୁନ୍ ୩୦। କିନ୍ତୁ ସରକାରଙ୍କ ପି-ପାସ୍ ୱେବସାଇଟ୍ ବନ୍ଦ ହୋଇଯିବା ପରେ ଏଣ୍ଟ୍ରି ହୋଇ ନପାରି ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇପାରି ନାହିଁ। ସେଥିରୁ କିଛିକାଂଶ ମଣ୍ଡିରେ ବର୍ଷାମାଡ଼ ଖାଉଥିବା ବେଳେ ଆଉ ବଳକା ଚାଷୀଙ୍କ ଘରେ ପଡ଼ିରହିଛି। ନିଜ ଧାନ ବିକ୍ରି କରିପାରି ନଥିବା ଚାଷୀ ଏବେ ତାତିଛନ୍ତି। ଫଳରେ ଶନିବାର କୃଷକ ସମାଜ, ବିଜୁ କୃଷକ ସଙ୍ଗଠନ ସମବାୟ ବିଭାଗ ଅଫିସ୍‌ରେ ତାଲା ପକାଇବା ସହ କେନ୍ଦୁଗୁଡ଼ା ଛକ ନିକଟରେ ରାଜପଥ ଅବରୋଧ କରିଛନ୍ତି।

କୋଟପାଡ଼ ଅଞ୍ଚଳ ହେଉଛି କୋରାପୁଟ ଜିଲାର ଭାତହାଣ୍ଡି। କିନ୍ତୁ ପ୍ରତ୍ୟେକ ବର୍ଷ ଖରିଫ ଓ ରବିଋତୁରେ ଧାନର ଅଭାବୀ ବିକ୍ରି ଯୋଗୁ ଚାଷୀ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ପ୍ରଥମତଃ ଚାଷୀ ମଣ୍ଡିକୁ ଧାନ ନେବା ପରେ ସେଠାରେ ମିଲ୍ ମାଲିକ ନାନା ଆଳ ଦେଖାଇ କୁଇଣ୍ଟାଲ ପିଛା ୫ରୁ ୧୦ କେଜି ଧାନ କାଟିବାକୁ ଜିଦ୍ ଧରୁଛନ୍ତି। ମିଲର ଓ ପ୍ରଶାସନ ମଧ୍ୟରେ ତାଲମେଳ ନ ଥିବା ଯୋଗୁ ସରକାରଙ୍କ ଧାର୍ଯ୍ୟ ଦର ୧୭୫୦ ଟଙ୍କାରୁ କମ୍ ଦରରେ ଚାଷୀ ଧାନ ବିକିବାକୁ ବାଧ ହେଉଛି। ପ୍ରାୟ ୨୫୦ ଟଙ୍କା କମ୍‌ରେ ସେମାନେ ଧାନ ବିକୁଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ଯେଉଁ ଟାର୍ଗେଟ୍ ଦେଉଛି, ଚାଷୀ ଧାନ ଅମଳ କରିବା କିମ୍ବା ଧାନ ମଣ୍ଡିକୁ ଆଣିବା ପୂର୍ବରୁ ଟାର୍ଗେଟ୍ ପୂରଣ ହୋଇଗଲା ବୋଲି କହି ଚାଷୀଙ୍କୁ ଭୁଆଁ ବୁଲାଯାଉଛି।

ଚଳିତ ବର୍ଷ ଜିଲା ପ୍ରଶାସନ କୋଟପାଡ଼ ବ୍ଲକରୁ ୨ ଲକ୍ଷ ୬୩ ହଜାର ୬୭୦ କୁଇଣ୍ଟାଲ ରବିଧାନ କିଣିବା ପାଇଁ ଟାର୍ଗେଟ୍ ରଖିଥିଲା। ୧୭୬୯ ଚାଷୀ ପଞ୍ଜିକୃତ ଥିବାବେଳେ ପ୍ରଶାସନ ସେମାନଙ୍କଠାରୁ ୧ ଲକ୍ଷ ୮୩ ହଜାର ୯୮୫ କୁଇଣ୍ଟାଲ ଧାନ କିଣିଛି। ବଳକା ୭୯ ହଜାର ୬୮୫ କୁଇଣ୍ଟାଲ ଧାନ ଚାଷୀଙ୍କ ଘରେ କିମ୍ବା ମଣ୍ଡିରେ ପଡ଼ିଛି। ଶନିବାର ଜାତୀୟ ରାଜପଥ ଅବରୋଧ ଓ ସମବାୟ ଅଫିସ୍‌ରେ ହୋହଲ୍ଲା ବେଳେ ବିଡିଓ, ତହସିଲଦାର ଓ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝିଙ୍କ ସହ କୃଷକ ସମାଜର ସଭାପତି ସୁକ୍ରିୟା ପ୍ରଧାନ, ପାଣି ପଞ୍ଚାୟତ ଜିଲା ସଭାପତି ବାଳକୃଷ୍ଣ ବିଜୟୀଙ୍କ ମଧ୍ୟରେ ବାରମ୍ବାର ଆଲୋଚନା ସତ୍ତ୍ୱେ କୌଣସି ସମାଧାନ ହୋଇପାରି ନଥିଲା। ଅପରାହ୍ନ ୫ଟାରେ ସିଏସ୍‌ଓ ତୁଳାରାମ ନାୟକ, ବିଡିଓ ଅଂଶୁମାନ ମହାପାତ୍ର, ତହସିଲଦାର ଭକ୍ତବନ୍ଧୁ ଜନାର୍ଦ୍ଦନ ସେଠୀ, ଏସ୍‌ଡିପିଓ ହରେକୃଷ୍ଣ ମାଝି, ଆଇଆଇସି ଉଲ୍ଲାସ ମାଝି ପୁଣିଥରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଯେଉଁ ମିଲ୍‌ଗୁଡ଼ିକୁ ଧାନ କିଣିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା, ସେମାନଙ୍କ ସହ ଆଲୋଚନା କରି କୁଇଣ୍ଟାଲ ପିଛା ୧୫୦୦ ଟଙ୍କାରେ ଧାନ କିଣାଯିବା ପାଇଁ ଚାଷୀଙ୍କୁ ରାଜି କରାଯାଇଥିଲା। ଅନ୍ୟ ଉପାୟ ନପାଇ ଚାଷୀ ୨୫୦ ଟଙ୍କା କମ୍ ଦରରେ ଧାନ ଦେବାକୁ ବାଧ ହୋଇଛନ୍ତି।





ରାଜପଥ ଅବରୋଧ କରିଛନ୍ତି ଚାଷୀ।

### କୋଟପାଡ଼ ବ୍ଲକ

- ପ୍ରଶାସନର ଟାର୍ଗେଟ୍ ଥିଲା ୨ ଲକ୍ଷ ୬୩ ହଜାର ୬୭୦ କୁଇଣ୍ଟାଲ
- କିଣା ହୋଇଛି ୧ ଲକ୍ଷ ୮୩ ହଜାର ୯୮୫ କୁଇଣ୍ଟାଲ ରବିଧାନ
- ବଳକା ଧାନକୁ ୨୫୦ ଟଙ୍କା କମ୍‌ରେ ବିକିବେ ଚାଷୀ

"ରବିଧାନ କିଣାର ଧାର୍ଯ୍ୟ ସମୟସୀମା ଶେଷ ହୋଇସାରିଛି। ପ୍ରଶାସନ ଆଉ କିଛି କରିପାରିବ ନାହିଁ। ଚାଷୀମାନେ ପଡ଼ୋଶୀ ଆନ୍ଧ୍ର, ଛତିଶଗଡ଼କୁ ନେଇ ଧାନ ବିକ୍ରି କରିପାରିବେ। ଲ୍ୟାମ୍ପର ଅବହେଳା ଯୋଗୁ ଚାଷୀଙ୍କୁ ଏଭଳି ସମସ୍ୟା ସମ୍ମୁଖୀନ ହେବାକୁ ପଡ଼ିଛି। ଧାର୍ଯ୍ୟ ସମୟ ଥିବାବେଳେ ଲ୍ୟାମ୍ପ ଯଦି ତତ୍ପରତା ପ୍ରକାଶ କରି ପି-ପାସ ସିଷ୍ଟମରେ ଅପଲୋଡ କରିଥାନ୍ତା, ତେବେ ଏଭଳି ସମସ୍ୟା ହୋଇ ନଥାନ୍ତା।
- ତୁଳାରାମ ନାୟକ, ଜିଲା ଯୋଗାଣ ଅଧିକାରୀ, କୋରାପୁଟ

## ସଂକ୍ଷେପରେ

### ବୈପାରୀଗୁଡ଼ାରେ ସର୍ବାଧିକ ୧୬୭.୮ ମିମି ବର୍ଷା

କୋରାପୁଟ,୬/୭(ସ୍ୱ.ପ୍ର.): କୋରାପୁଟ ଜିଲାରେ ଶନିବାର ୧୨୪୭.୧ ମିମି ବର୍ଷା ହୋଇଛି। ବୈପାରୀଗୁଡ଼ା ବ୍ଲକରେ ସର୍ବାଧିକ ୧୬୭.୮ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ସୂଚନା ଦେଇଛି। ସେହିପରି ଜୟପୁର ବ୍ଲକରେ ୧୨୩.୬ ମିମି, କୋଟପାଡ଼ ବ୍ଲକରେ ୧୧୯ ମିମି, କୋରାପୁଟ ବ୍ଲକରେ ୧୦୮.୨ ମିମି, ଲମତାପୁଟ ବ୍ଲକରେ ୧୦୮ ମିମି, ସେମିଳିଗୁଡ଼ା ବ୍ଲକରେ ୯୫ ମିମି, ଦଶମନ୍ତପୁର ବ୍ଲକରେ ୯୨ ମିମି, କୁନ୍ଦୁରା ବ୍ଲକରେ ୮୫ ମିମି, ବନ୍ଧୁଗାଁ ବ୍ଲକରେ ୮୪ ମିମି, ଲକ୍ଷ୍ମୀପୁର ବ୍ଲକରେ ୬୫ ମିମି, ବୋରିଗୁମ୍ମା ବ୍ଲକରେ ୬୨.୪ ମିମି, ନନ୍ଦପୁର ବ୍ଲକରେ ୫୫.୪ ମିମି, ପଟ୍ଟାଙ୍ଗି ବ୍ଲକରେ ୫୫.୩ ମିମି, ନାରାୟଣପାଟଣା ବ୍ଲକରେ ସର୍ବନିମ୍ନ ୨୬.୨ ମିମି ବର୍ଷା ରେକର୍ଡ଼ ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ଜଣାପଡ଼ିଛି।

### ଟ୍ରକ୍‌କୁ ପିଟି ବାଇକ ଚାଳକ ମୃତ

ଜୟପୁର,୬/୭(ନି.ପ୍ର./ଡି.ଏନ୍.ଏ.): ଜୟପୁର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ରଣ୍ଡାପାଲ୍ଲିଠାରେ ଗୋଟିଏ ଟ୍ରକ୍ ପଛକୁ ଧକ୍କା ଦେଇଛି ବାଇକ୍। ଫଳରେ ବାଇକ ଚାଳକ ରାମ ପେଣ୍ଡିଆ (୨୭) ଓ ବାବୁଲା ଜାନୀ (୧୮) ଗୁରୁତର ହୋଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ରାମଙ୍କ ମୃତ୍ୟୁ ହୋଇଥିଲା। ସଦର ପୋଲିସ ଖବର ପାଇ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକକୁ ଜବତ କରିବା ସହ ମୃତଦେହର ବ୍ୟବଚ୍ଛେଦ କରାଇଛି। ଏହାସହ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ମୃତ ରାମ ପେଣ୍ଡିଆ ଜଣେ ମିସ୍ତ୍ରୀ ଭାବେ କାମ କରୁଥିଲେ। ତାଙ୍କ ପରିବାର ଏବେ ଅସହାୟ ହୋଇପଡ଼ିଛନ୍ତି। ଘରେ ରାମଙ୍କ ସ୍ତ୍ରୀ ସହ ୨ ବର୍ଷର ପୁଅ ଅଛନ୍ତି। ମୃତଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ପାଇଁ ନିବେଦନ କରାଯାଇଛି।

### କୋରାପୁଟର ୯୦ ସ୍କୁଲ ବନ୍ଦ ହେବା ପ୍ରସଙ୍ଗ ପ୍ରତିବାଦ ଜଣାଇଲା ସିପିଆଇ

ଜୟପୁର,୬/୭(ନି.ପ୍ର.):୧୦ରୁ କମ୍ ଛାତ୍ରୀଛାତ୍ର ଥିବା କୋରାପୁଟ ଜିଲାର ୯୦ଟି ସ୍କୁଲ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ଏହାକୁ ସିପିଆଇ ତୀବ୍ର ନିନ୍ଦା କରିଛି। ସ୍କୁଲ ବନ୍ଦ କରିବା ପାଇଁ ଜିଲାର ଶିକ୍ଷା ଅଧିକାରୀ ସଂପୃକ୍ତ ବିଦ୍ୟାଳୟକୁ ନୋଟିସ ଦେଇସାରିଲେଣି। ଅତୀତରେ ଉକ୍ତ ସ୍କୁଲରେ ଅଧିକ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଏବେ କାହିଁକି ଉପସ୍ଥାନ କମିଛି, ତାହାର ତଦନ୍ତ ଜରୁରୀ। ସଂପୃକ୍ତ ଗ୍ରାମରେ କିମ୍ବା ସେହି ଅଞ୍ଚଳରେ ପଢ଼ିବା ପାଇଁ ପିଲା ନାହାନ୍ତି ନା ସରକାରଙ୍କ ଭୁଲ ଶିକ୍ଷା ନୀତି ଯୋଗୁ ସେମାନେ ଆସୁନାହାନ୍ତି, ସେହି ପ୍ରଶ୍ନ ଉଠାଇଛି ସିପିଆଇ। ସରକାର ଏହାର ନିରାକରଣ ପାଇଁ କି ପ୍ରକାର ବ୍ୟବସ୍ଥା କରିଛନ୍ତି, ତାହା ସ୍ପଷ୍ଟ କରିବାକୁ କହିଛି ସିପିଆଇ। ରାଜ୍ୟ ସରକାର ଶିକ୍ଷାର ଘରୋଇକରଣ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେଇ ସରକାରୀ ସ୍କୁଲ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଶିକ୍ଷା ବେପାରୀଙ୍କ ହାତରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଟେକି ଦିଆଯିବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ସିପିଆଇ ଅଭିଯୋଗ କରିଛି। ରାଜ୍ୟରେ ୯୬୬ଟି ସରକାରୀ ସ୍କୁଲକୁ ବନ୍ଦ ନକରି ମୂଳ ସମସ୍ୟାର ନିରାକରଣ ପାଇଁ ସିପିଆଇ ସମ୍ପାଦକ ଯୁଧିଷ୍ଠିର ରାଉଳ, ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି, ସହ ସମ୍ପାଦକ ରାମକୃଷ୍ଣ ଦାସ, ବେଣୁମାଧବ ସାହୁ, କୃଷକ ନେତା ନିତ୍ୟାନନ୍ଦ ପାତ୍ର ଦାବି କରିଛନ୍ତି।

## ଗରିବ, ମଧ୍ୟବିତ୍ତଙ୍କ ପକେଟ୍ ଉପରେ ବୋଝ

# ସହରରେ ଚା' ଗିଲାସକୁ ୧୦

ଜୟପୁର,୬/୭(ନି.ପ୍ର.)

ଜୟପୁର ସହରରେ ଚା' ଗିଲାସକୁ ୧୦ ଟଙ୍କା। ପୁରୁଣା ମେଡିକାଲ ନିକଟରେ ଥିବା ଚା' ଦୋକାନରେ ଟଙ୍ଗା ହୋଇଛି ଏବେ ଏହି ଦର। ଚଳିତ ମାସ ୧ରୁ ଏହା ଲାଗୁ ହୋଇଗଲାଣି। ଧୀରେଧୀରେ ଏହି ଦର ସହର ସାରା ଲାଗୁ ହେବ ନିଶ୍ଚୟ। କିନ୍ତୁ ଏହା ଉପରେ କାହାର ଅଙ୍କୁଶ ଲାଗୁନାହିଁ। ଧନୀକ ଶ୍ରେଣୀର ଲୋକଙ୍କ ପାଇଁ ଏହା ମାମୁଲି କଥା ହୋଇପାରେ; କିନ୍ତୁ ଗରିବ ଓ ମଧ୍ୟବିତ୍ତଙ୍କ ପକେଟ୍ ଉପରେ ଏହା ଅତିରିକ୍ତ ବୋଝ ଭଳି ହେବ। ଦୋକାନୀଙ୍କୁ ପ୍ରଶ୍ନ ପଚାରିଲେ ଦର ବଢ଼ିଛି ବୋଲି କହୁଛନ୍ତି। କିନ୍ତୁ ଦର କେବଳ ଜୟପୁରରେ ବଢୁଛି ନା ରାଜ୍ୟର ଅନ୍ୟ ସ୍ଥାନରେ ବି ବଢୁଛି ତାହା ଗ୍ରାହକଙ୍କ ଭିତରେ ପ୍ରଶ୍ନ। ଅନ୍ୟ ସବୁ ସ୍ଥାନରେ ଚା' ଦର ୫ ଟଙ୍କା ଥିବାବେଳେ ଜୟପୁରରେ ୧୦ ଟଙ୍କା ଗ୍ରାହକଙ୍କୁ ଅସନ୍ତୁଷ୍ଟ କରିଛି। ଚା' ପାର୍ସଲ ନେଲେ ଅଧିକ ୩ ଟଙ୍କା ଦେଉଛନ୍ତି ଗ୍ରାହକ। କେବଳ ଚା' ନୁହେଁ, ଜୟପୁର ସହରରେ ମାଛ, ମାଂସ, ଜଳଖିଆ, ପନିପରିବାର ଦର ଆକାଶଛୁଆଁ ହେବା ସହ ଅଟୋଭଡ଼ା ବି ଢେର୍ ଅଧିକ ହେଲାଣି। ସ୍ଥାନୀୟ ବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହେବା ପରେ ବୈଠକ କରି ଦର ନିୟନ୍ତ୍ରଣ କରାଯାଉଛି ସତ। କିନ୍ତୁ ଦିନେ କି ଦୁଇ ଦିନ ପରେ ସ୍ଥିତି ପୂର୍ବ ପରି ହେଉଛି।





ଜୟପୁର ପୁରୁଣା ମେଡିକାଲ ନିକଟସ୍ଥ ଚା' ଦୋକାନରେ ଦର ତାଲିକା।

### ଅଙ୍ଗନୱାଡ଼ି କେନ୍ଦ୍ର ଯାଞ୍ଚକଲେ ଜିଲାପାଳ

ପଟ୍ଟାଙ୍ଗି,୬/୭(ଡି.ଏନ୍.ଏ.)

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶନିବାର ହଠାତ୍ ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ଗସ୍ତକରି ସରକାରୀ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିଡିଓ କରୁଣାକର ପ୍ରଧାନଙ୍କ ସହ ଆଲୋଚନା କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ବିଭିନ୍ନ ପ୍ରକାର ସାମଗ୍ରୀ ପହଞ୍ଚିଛି କି ନାହିଁ, ସେ ମାଳିପୁଟ ପଞ୍ଚାୟତ ଯାଇ ତଦାରଖ କରିଛନ୍ତି। ଟେବୁଲ, ଚଉକି, ଫିଲଟର, ଥାଳି ଭଳି ସାମଗ୍ରୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଗଲାଣି, କିନ୍ତୁ ବଣ୍ଟାଯାଇନାହିଁ ବୋଲି ବିଡିଓ କହିଥିଲେ। ସେହିପରି କୋଟିଆ ପଞ୍ଚାୟତ ଗସ୍ତ କରି ପିଏମ୍‌ଜିଏସ୍‌ୱାଇରେ ରାସ୍ତାକାମ ବୁଲି ଦେଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଯେଉଁ ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାୟୀ ବା ସରକାରୀ ଗୃହ ଥିବ, ତାହାକୁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ୧୫ ହଜାର ଟଙ୍କା ମଧ୍ୟରେ ସାମଗ୍ରୀ ଦିଆଯିବ। ପଟ୍ଟାଙ୍ଗି ବ୍ଲକରେ ୧୭୮ଟି ଅଙ୍ଗନୱାଡ଼ି ଓ ୨୨ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏହିସବୁ ସାମଗ୍ରୀ ମିନି ଅଙ୍ଗନୱାଡ଼ି କେନ୍ଦ୍ରକୁ ଦିଆଯିବାର ବ୍ୟବସ୍ଥା ନାହିଁ। ଏତେ ଟଙ୍କାର ସାମଗ୍ରୀ ବିନା ଟେଣ୍ଡରରେ ଜିଲାର ଏକ ନିର୍ଦ୍ଦିଷ୍ଟ ଦୋକାନକୁ କିପରି ଦିଆଯାଇଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଲିଟିଗୁଡ଼ାରେ ବନ ମହୋତ୍ସବ

କୋରାପୁଟ,୬/୭(ସ୍ୱ.ପ୍ର.)

କୋରାପୁଟ ବନ ବିଭାଗ ପକ୍ଷରୁ ଶନିବାର କୋରାପୁଟ ରେଞ୍ଜ ଅନ୍ତର୍ଗତ ଦାମନଯୋଡ଼ିସ୍ଥିତ ଲିଟିଗୁଡ଼ାରେ ୭୦ତମ ବନ ମହୋତ୍ସବ ପାଳନ କରାଯାଇଛି। ଦାମନଯୋଡ଼ିସ୍ଥିତ ଡିପିଏସ୍‌ର ଶତାଧିକ ଛାତ୍ରୀଛାତ୍ରଙ୍କ ଗହଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପି. ମୁଖ୍ୟ ଅତିଥି ଭାବେ ନିଜେ ଏକ ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ରହିଥିବାରୁ ବୃକ୍ଷରୋପଣ ପାଇଁ ସେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶପଥ କରାଇଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ଏସିଏଫ୍ ଉମା ମହେଶ, ରେଞ୍ଜ ଅଧିକାରୀ ସୁବାସ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ନିଜେ ବୃକ୍ଷରୋପଣ କରିବା ସହ ପିଲାଙ୍କୁ ବୃକ୍ଷରୋପଣ ପାଇଁ ଉତ୍ସାହିତ କରିଥିଲେ।



ସ୍କୁଲ ଛାତ୍ରୀଛାତ୍ର ଚାରା ରୋପଣ କରୁଛନ୍ତି।

## ଚାରାରୋପଣ ସହ ସଚେତନତା ଶିବିର





ବନ ଅଧିକାରୀଙ୍କ ଉପସ୍ଥିତିରେ ଚାରା ଲଗାଯାଉଛି।

ଜୟପୁର,୬/୭(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଚାରାରୋପଣ ଓ ବିଶ୍ୱ ପରିବେଶ ପାଇଁ ସଚେତନତା ଶିବିର ହୋଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ପ୍ରଶାନ୍ତ ସାମନ୍ତରାୟ, ଦୁର୍ଯ୍ୟୋଧନ ଗଣ୍ଡ, ରାମଚନ୍ଦ୍ର ନେପାକ, ବନରକ୍ଷୀ ଗୌତମ ସ୍ୱାଇଁ, ଶିକ୍ଷକ ଦିଲୀପ ପଣ୍ଡା, ଓମ୍ ପ୍ରକାଶ ମିଶ୍ର, ଏମ. ଯୋଗେଶ୍ୱର ଉପସ୍ଥିତ ଥିଲେ।

# ଫୁଲନ୍ତିଙ୍କ ଗଳାରେ ଫୁଲୁଛି ଟ୍ୟୁମର

### ଗୁଜୁରାଣ ପାଇଁ ସାମର୍ଥ୍ୟ ନାହିଁ, ଚିକିତ୍ସା ତ ସ୍ୱପ୍ନ

- ମା', ବାପା ଚାଲିଗଲା ପରେ ସେ ଏକା ଅସହାୟ
- ପର ପିଣ୍ଡାରେ କଟୁଛି ଦିନ, ଗାଁଲୋକେ ଦେଉଛନ୍ତି ଖାଦ୍ୟ

ଦଶମନ୍ତପୁର,୬/୭(ଡି.ଏନ୍.ଏ.)

ଦୁଃଖ ଯେତେବେଳେ ଆସେ, ସଖା ସହୋଦରଙ୍କୁ ଧରି ଆସେ। ଲୋକମୁଖରେ ଥିବା ଏଭଳି ଆପ୍ତବାକ୍ୟ ଦଶମନ୍ତପୁର ବ୍ଲକ୍ ଚିକାମ୍ବ ପଞ୍ଚାୟତ ହରିଜନ ସାହିର ଫୁଲନ୍ତି ବାଘଙ୍କ କ୍ଷେତ୍ରରେ ଘଟିଚାଲିଛି। ୬୨ ବର୍ଷ ବୟସ ଭିତରେ ସେ ବହୁ ଦୁଃଖକଷ୍ଟ ସହିଲେଣି। ଫୁଲନ୍ତିଙ୍କ ସ୍ୱଳ୍ପ ବୟସ ହୋଇଥିବା ବେଳେ ତାଙ୍କ ବାପା ଚାଲିଗଲେ। ମା' ଗୋରାବତୀଙ୍କ ସହ ଦାରିଦ୍ର୍ୟ ଭିତରେ ଦୁଃଖ କଷ୍ଟରେ ଚାଲିଆସୁଥିଲେ ଫୁଲନ୍ତି। କିନ୍ତୁ ଗତବର୍ଷ ମା' ମଧ୍ୟ ତାଙ୍କୁ ଛାଡ଼ି ଆରପାରିକୁ ଚାଲିଗଲେ। ସେ ଏବେ ଅବିବାହିତା ଓ ପରିବାର କହିଲେ ତାଙ୍କ ନିଜ ଛଡ଼ା ଅନ୍ୟ କେହି ନାହାନ୍ତି। କାହା ପିଣ୍ଡାରେ ଶୋଉଥିଲେ। ଗାଁ ଲୋକେ ପାଳି କରି ଗଣ୍ଡେ ଖାଇବାକୁ ଦେଲେ ସେତିକି ଖାଇ ବଞ୍ଚୁଥିଲେ। ତଥାପି ଭାଗ୍ୟ ଦାଉ ସାଧିବା ଛାଡ଼ିଲା ନାହିଁ। ଫୁଲନ୍ତିଙ୍କ ଗଳାରେ ଏବେ ଫୁଲୁଛି ଟ୍ୟୁମର।

ଅସହାୟା ଫୁଲନ୍ତିଙ୍କ ଚିକିତ୍ସା ପାଇଁ ତାଙ୍କ ନିଜର ସାମର୍ଥ୍ୟ ନ ଥିବାବେଳେ ଦିନକୁ ଦିନ ବଢୁଥିବା ଟ୍ୟୁମର୍ ଯନ୍ତ୍ରଣା ତୀବ୍ର କରିବାରେ ଲାଗିଛି। ଏହି ଟ୍ୟୁମର୍ ଯୋଗୁ ସେ କଥା କହିପାରୁନାହାନ୍ତି କି କିଛି ଶୁଣିପାରୁନାହାନ୍ତି। ଗାଁ ଲୋକେ କିଛି ଟଙ୍କା ସଂଗ୍ରହ କରି ତାଙ୍କୁ ଚିକିତ୍ସା ପାଇଁ କୋରାପୁଟ ମେଡିକାଲ ନେଇଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ଗ୍ରାମବାସୀ ସେଥିରେ ନିରାଶ ନହୋଇ ଅନ୍ୟ କେତେକ ଡାକ୍ତରଖାନା ମଧ୍ୟ ନେଇ ଦେଖାଇଛନ୍ତି। ପ୍ରଶାସନ ପକ୍ଷରୁ ଫୁଲନ୍ତିଙ୍କୁ କୌଣସି ପ୍ରକାର ସହାୟତା ମିଳିପାରି ନାହିଁ। ଆମେ କେତେଦିନ ସାହାଯ୍ୟ କରିପାରିବୁ ବୋଲି ଗାଁଲୋକେ କହିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଉପାଧ୍ୟକ୍ଷ ତଥା ଜିଲା ବିଜେଡି ଉପସଭାପତି ନାରାୟଣ ବିଶୋୟୀଙ୍କୁ ଯୋଗାଯୋଗ କରିବାରୁ ସେ ଫୁଲନ୍ତିଙ୍କ ପାଇଁ ସରକାରୀ ସହାୟତାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ସଂକ୍ଷେପରେ

### ଘାଟିରେ ଦବିଲା ଟିପ୍ପର
#### ଉଭୟପଟୁ ଗାଡି ଚଳାଚାଳ ବନ୍ଦ



**ଗୋବିନ୍ଦପାଲି, ୬।୭ (ଡି.ଏନ୍.ଏ.)-** ରାସ୍ତା ନିର୍ମାଣ ପାଇଁ ବଡଡୁରାଲ ପଞ୍ଚାୟତକୁ ବାଲି ବୋଝେଇ କରି ଯାଉଥିବା ଏକ ଟିପ୍ପର (ଓଆର୦୪ଏଚ୍-୨୫୧୯) କୁଷୁମପୁଟ ନିକଟସ୍ଥ ଏକ ପୋଲଠାରେ ଶୁକ୍ରବାର ଦବିଯାଇଛି। ଫଳରେ ମାଡ଼ଲାପଦର ଘାଟିରେ ରାସ୍ତା ଅବରୋଧ ହୋଇଛି। ଫଳରେ ଉଭୟ ପଟରେ ଅନେକ ଗାଡିମୋଟର ଦୁଇଦିନ ହେଲା ଅଟକି ରହିଛି। ସ୍ଥାନୀୟ ବାସିନ୍ଦା ମଧ ରାସ୍ତା ଅବରୋଧ ଯୋଗୁ ଅନେକ ଅସୁବିଧା ଭୋଗୁଛନ୍ତି। ବର୍ଷା ପୂର୍ବରୁ ଏହି ରାସ୍ତା ମରାମତି ନ ହେବା ଏବଂ ଆବଶ୍ୟକତାଠାରୁ ଅଧିକ ଓଜନର ସାମଗ୍ରୀ ପରିବହନ ଯୋଗୁ ଏପରି ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ କୋରାପୁଟ ଜିଲାର ଜଲାପୁଟ, ଅନକାଡିଲି, ଶିଶାପୁଟ ଓ ମାଲକାନଗିରି ଜିଲାର ୩ଟି ପଞ୍ଚାୟତର ଲୋକେ ବିଭିନ୍ନ କାର୍ଯ୍ୟରେ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକ୍ତରଖାନାକୁ ଗୋବିନ୍ଦପାଲି ଓ ଖଇରପୁଟକୁ ଯାତାୟାତ କରିଥାନ୍ତି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ପାଣ୍ଡ୍ରିପାଣି,୬।୭(ଡି.ଏନ.ଏ.)-** ମାଲକାନଗିରି ବ୍ଲକ ଅନ୍ତର୍ଗତ ରଙ୍ଗଲା ପଞ୍ଚାୟତରେ ଜଣେ ଯୁବକ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କ ନାମ ଲିଙ୍ଗରାଜ ମାଦ୍ରୀ(୩୫)। ଶନିବାର ସକାଳେ ଲିଙ୍ଗରାଜ ଗାଈ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ବର୍ଷା ଯୋଗୁ ସନ୍ଧ୍ୟା ହୋଇଯାଥିଲା, ମାତ୍ର ସେ ଜାରିପାରି ନ ଥିଲେ। ସନ୍ଧ୍ୟା ସାଢେ ୬ଟାରେ ସେ ଗାଈ ଧରି ଫେରୁଥିବା ବେଳେ ଏକ ଭାଲୁ ଲିଙ୍ଗରାଜଙ୍କୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ହୋଇପଡିଥିଲେ। ଖବର ପାଇ ପରିବାର ଲୋକେ ଯାଇ ତାଙ୍କୁ ଆଣି ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛନ୍ତି।

### ବନ ମହୋତ୍ସବ ପାଳିତ

**ବାଲିମେଳା,୬।୭(ଡି.ଏନ.ଏ.)-** କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବନବିଭାଗ ପକ୍ଷରୁ ଶନିବାର ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବାଲିମେଳା ସରସ୍ୱତୀ ଶିଶୁମନ୍ଦିର, ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଡିଏଫଓ ପ୍ରଦୀପ ଦେବଦାସ ମିରାଶେ, ସମ୍ମାନିତ ଅତିଥି ରୂପେ ଚିତ୍ରକୋଣ୍ଡା ଏସଡିପିଓ ମାନସ ରଞ୍ଜନ ବାରିକ, ଜଳବିଦ୍ୟୁତ୍ ପ୍ରକଳ୍ପର ଅଧିକାରୀ ଶିବପ୍ରସାଦ ପଣ୍ଡା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ରଥ, ବିଏସଏଫ କମାଣ୍ଡାଣ୍ଟ ଅଖିଳ କୁମାର ଯାଦବ, ଏସିଏଫ୍ ଜଗଦିଶ ପ୍ରସାଦ ପଟ୍ଟନାୟକ,ଓର୍କେଲ ଥାନା ଅଧିକାରୀ ଜଗଦିଶ ବାରା ପ୍ରମୁଖ ଉପସ୍ଥିତ ଥିଲେ। ବୃକ୍ଷରୋପଣ ଓ ଭବିଷ୍ୟତର ସୁରକ୍ଷା ପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

# ଅମ୍ଳଜାନ ନାହିଁ ତ ଜୀବନ ନାହିଁ

**ମାଲକାନଗିରି,୬।୭ (ଡି.ଏନ୍.ଏ.)**

■ ଭବିଷ୍ୟତରେ ଆମକୁ ବଞ୍ଚିବାକୁ ଦିଅ
■ ବୃକ୍ଷ ହିଁ ଜୀବନ
■ ପ୍ରତ୍ୟେକ ଲଗାଅ ଗୋଟିଏ ଚାରା

ବୃକ୍ଷ ହିଁ ଜୀବନ। ବୃକ୍ଷଦ୍ୱାରା ଅମ୍ଳଜାନ ଉତ୍ପନ୍ନ ହୋଇ ପ୍ରାଣୀଜଗତ ବଞ୍ଚି ରହେ । ଆମକୁ ଭବିଷ୍ୟତରେ ବଞ୍ଚିବା ପାଇଁ ସୁଯୋଗ ମିଳୁ। ଜଙ୍ଗଲ ନଷ୍ଟ ହୋଇଗଲେ ପୃଥିବୀ ଅମ୍ଳଜାନ ଶୂନ୍ୟ ହୋଇଯିବ। ଫଳରେ ଭବିଷ୍ୟତରେ ବଞ୍ଚିବା ଆମ ପାଇଁ କଷ୍ଟକର ହୋଇପଡିବ। ଏପରି ସଚେତନତା ବାର୍ତ୍ତା ଦେଇ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ବିଭିନ୍ନ ଗ୍ରାମ ବୁଲି ଆହ୍ୱାନ ଦେଇଛନ୍ତି ଛାତ୍ରୀମାନେ। ଶନିବାର ବନ ମହୋତ୍ସବ ସପ୍ତାହର ଥିଲା ଷଷ୍ଠ ଦିବସ। ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ସିନ୍ଧ୍ରିମାଳ ପଞ୍ଚାୟତର ସିନ୍ଧ୍ରିମାଳ, ଚମ୍ପାନଗର, ନୂଆଗୁଡା



ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି ଛାତ୍ରୀମାନେ ।

ଆଦି ଗ୍ରାମ ପରିକ୍ରମା କରି ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷରୋପଣ ଉପରେ ସଚେତନତାର ବାର୍ତ୍ତା ପ୍ରଚାର କରିଛନ୍ତି। ଗ୍ରାମ ପରିକ୍ରମା ପରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ନାୟକଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ, ମୁଖ୍ୟବକ୍ତା ରୂପେ ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ, ସମ୍ମାନିତ ଅତିଥି ରୂପେ ସିନ୍ଧ୍ରିମାଳ ସରପଞ୍ଚ ସମାରୀ ମାଡକାମି, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ପରିବେଶବିତ୍ ଦୁର୍ଯ୍ୟୋଧନ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୁକା ମାଡକାମି ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଜୀବନ ପରିବେଶ ଏବଂ ବୃକ୍ଷ ଉପରେ ହିଁ ନିର୍ଭର କରୁଛି। ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରୀମାନଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା ଉପରେ ଏକ ନାଟକ ପରିବେଷଣ କରାଯାଇଥିଲା। ଏଥିପାଇଁ ୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁବ୍ରତ ସ୍ୱାଇଁ ପରିଚାଳନା କରିଥିଲେ। ଅଭିମନ୍ୟୁ ନାୟକ, ହୃଷୀକେଶ ପଣ୍ଡା, କିଶୋର କୁମାର ପରିଡା, ପ୍ରକାଶ ବିଶ୍ୱାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ■ ଅଙ୍ଗନୱାଡି କେନ୍ଦ୍ର
# ବର୍ଷା ହେଲେ ପାଣିରେ ପାଠପଢା, ଖେଳକୁଦ

**ମାଲକାନଗିରି,୬।୭ (ଡି.ଏନ୍.ଏ.)**

ଏକ ବର୍ଷରୁ ୬ ବର୍ଷର ଶିଶୁଙ୍କ ପାଇଁ ଖାଦ୍ୟ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କରେ ଜ୍ଞାନ ଆହରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରି ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ଅଙ୍ଗନୱାଡି କେନ୍ଦ୍ର ରହିଛି। ପିଲାମାନେ ଏଠାରେ ସେମାନଙ୍କ ଆଦ୍ୟ ଶୈଶବର ଖଡିପାଠ କରିଥାନ୍ତି। ମାତ୍ର ଅଙ୍ଗନୱାଡି କେନ୍ଦ୍ରଗୁଡିକର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି। ବର୍ଷା ଦିନେ ଏହି କେନ୍ଦ୍ରଗୁଡିକ ଏକ ପ୍ରକାର ଅଚଳ ହୋଇପଡୁଛି। ବର୍ଷାପାଣି ଅଙ୍ଗନୱାଡି କେନ୍ଦ୍ରରେ ପଶିଯାଉଥିବାରୁ ପିଲାଙ୍କ ପାଠପଢା ଓ ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ବାଧାପ୍ରାପ୍ତ ହେଉଛି। କେତେକ କେନ୍ଦ୍ରରେ ବର୍ଷା ପାଣିରେ ପିଲାମାନେ ଖେଳକୁଦ କରିବା ସହ ମିଳୁଥିବା ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି। ମାଲକାନଗିରି ଜିଲା ମାଥିଲି



ଅଙ୍ଗନୱାଡି କେନ୍ଦ୍ରରେ ବର୍ଷାପାଣି ।

ବ୍ଲକ ଅନ୍ତର୍ଗତ ସାଲିମି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ବର୍ଷା ଦୁଇ/ଚାରି ଦିନ ଲାଗି ରହିଲେ ଅଙ୍ଗନୱାଡି କେନ୍ଦ୍ର ଭିତରେ ପାଣି ପଶିଯାଉଛି। ଫଳରେ ୪୦ରୁ ଉର୍ଦ୍ଧ୍ୱ ଶିଶୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାପାଣିରେ ଖେଳି ସେମାନେ ଥଣ୍ଡା ଜ୍ୱରରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରଛନ୍ତି।

# ବନ ମହୋତ୍ସବ: ଲାଗିଲା ୨ଶହ ଚାରା

**ଚିତ୍ରକୋଣ୍ଡା,୬।୭(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ସହଯୋଗରେ ବନ ମହୋତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ୨ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ପ୍ରଥମେ ଛାତ୍ରୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟ ସଭାଗୃହରେ ଏକ ସଭା ହୋଇଥିଲା। ଏଥିରେ ଥାନା ଅଧିକାରୀ ରାମ ପ୍ରସାଦ ନାଗ, ବ୍ଲକ ସମ୍ପ୍ରସାରଣ ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା, ଭାରତୀୟ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ମୋହନ ପ୍ରଧାନ, ସମାଜସେବୀ ଦେବେନ୍ଦ୍ର ଦାସ ଓ ପ୍ରଧାନଶିକ୍ଷକ ରବୀନ୍ଦ୍ର ସେଠୀ ଅତିଥି ରୂପେ ଯୋଗଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ସମସ୍ତଙ୍କ କର୍ତ୍ତବ୍ୟ ରହିଥିବା କହିଥିଲେ। ଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବନପାଳ ମୃତ୍ୟୁଞ୍ଜୟ ସେଠୀ, ଅର୍ଜୁନ ଚାଲାଣ, ନିରଞ୍ଜନ ସାହୁ ଓ ମାଝୀ ମହାପାତ୍ର ପରିଚାଳନା କରିଥିଲେ। ବନରକ୍ଷୀ ଶ୍ରୀମନ୍ତ ଗିରି, ମନୋଜ ବିଶୋୟୀ, ରାଜୁ ମାଡ଼କାମି, ବଳଭଦ୍ର ସାହୁ, ସରୋଜ ସ୍ୱାଇଁ, ଜଗା ସାହୁ ସହଯୋଗ କରିଥିଲେ।



ପରିବେଶ ସୁରକ୍ଷା ନେଇ ଚିତ୍ରକୋଣ୍ଡାରେ ଛାତ୍ରୀମାନେ ସହର ପରିକ୍ରମା କରୁଛନ୍ତି ।

## ଶିକ୍ଷକଙ୍କ ମନମୁଖୀ କାରବାର ନେଇ ଅଭିଯୋଗ କଲେ ସରପଞ୍ଚ

**ଗୋବିନ୍ଦପାଲ୍ଲୀ, ୬।୭(ଡି.ଏନ.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଡଡୁରାଲ ପଞ୍ଚାୟତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ବିଦ୍ୟାଳୟକୁ ଠିକ୍ ସମୟରେ ଆସୁ ନ ଥିବା ପଞ୍ଚାୟତର ସରପଞ୍ଚ ପଦ୍ମା ସୀସା, ସମିତିସଭ୍ୟ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟକୁ ଆସିଲେ ସେମାନେ ପିଲାଙ୍କୁ ପାଠ ନ ପଢାଇ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ବିଦ୍ୟାଳୟର କୌଣସି କାର୍ଯ୍ୟରେ ପଞ୍ଚାୟତ ଅଧିକାରୀ କିମ୍ବା ସ୍କୁଲର କମିଟିକୁ ସାମିଲ ନ କରି ମନୋମୁଖୀ କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଉଭୟ ଶିକ୍ଷକଙ୍କୁ ତାଗିଦ କଲେ ସେମାନେ ମାଡ଼ ମାରିବାକୁ ଧମକ ଦେଉଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ପଦ୍ମା ଖଇରପୁଟ ବିଡିଓ ଏବଂ ବିଇଓଙ୍କୁ ଲିଖିତ ଭାବେ ଜଣାଇବାରୁ ସେ ଏହାର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବ୍ଲକ ଶିକ୍ଷାଧିକାରୀ ଶଶିଭୂଷଣ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଗ୍ରାମବାସୀ ଓ ସରପଞ୍ଚଙ୍କ ଅଭିଯୋଗ ପାଇଛି। ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

# ଅନାଥ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ବିଧାୟକ

**ମାଲକାନଗିରି,୬।୭ (ଡି.ଏନ.ଏ.)–** ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ଶନିବାର ସଦର ମହକୁମାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ୨ ଅନାଥ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଡାକ୍ତରଙ୍କୁ ପଚାରି ବୁଝିଛନ୍ତି। ଜିଲା ଶିଶୁଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସପନ କୁମାର ଦିଣ୍ଡାଙ୍କ ସହ ଶିଶୁଦ୍ୱୟ କିପରି ଶୀଘ୍ର ସୁସ୍ଥ ହେବେ ସେନେଇ ବିଧାୟକ ଆଲୋଚନା କରିଥିଲେ। ଝିଅ ଧରିତ୍ରୀ ସୁସ୍ଥ ହୋଇଯାଇଥିବା ବେଳେ ପୁଅ ଦେବେନ୍ଦ୍ର ସୁସ୍ଥ ହେବା ପାଇଁ ଆଉ କିଛି ଦିନ ସମୟ ଲାଗିବ ବୋଲି ଶିଶୁ ବିଭାଗ ଡାକ୍ତର ସନ୍ତୋଷ କୁମାର କହିଛନ୍ତି। ଚିକିତ୍ସାଳୟରେ ଶିଶୁ ଦ୍ୱୟଙ୍କ ପାଖରେ ତାଙ୍କର ବୁଢୀମାଆ ଓ ବୁଢାବାପା ଅଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩୦ ତାରିଖରେ ଗୌଡଗୁଡା ପଞ୍ଚାୟତ ଗୋରେଇଗୁଡା ଗ୍ରାମର ସୀତା ମାଡକାମି ପାରିବାରିକ ଅଭାବ ଅନଟନ ଯୋଗୁ ନିଜ ୨ ଶିଶୁଙ୍କୁ ବିଷ ଦେଇ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୀତାଙ୍କ ମୃତ୍ୟୁ ହୋଇଥିବା ବେଳେ ଧରିତ୍ରୀ ଓ ଦେବେନ୍ଦ୍ର ଗୁରୁତର ହୋଇପଡିଥିଲେ।



ଡାକ୍ତରଖାନାରେ ବିଧାୟକ ଆଦିତ୍ୟ ମାଢି ଦୁଇ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ।

ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୂର୍ବରୁ ଜିଲାପାଳ ମନୀଷ ଅଗ୍ରୱାଲ ଚିକିତ୍ସାଳୟକୁ ଯାଇ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଶିଶୁଙ୍କ ଭିନ୍ନକ୍ଷମ ଜେଜେବାପା ସନା ମାଡକାମିଙ୍କ ପାଇଁ ଭତ୍ତା ଜେଜେମା ବୁଦୁରି ମାଡକାମିଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଏବଂ ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା କରିଥିବା ପ୍ରକାଶ କରିଛନ୍ତି। ଏଥିସହ ଶିଶୁ ଦ୍ୱୟଙ୍କୁ ପ୍ରତି ମାସରେ ୨ ହଜାର ଲେଖାଏ ଟଙ୍କା ପାଠପଢା ଖର୍ଚ୍ଚ ସହ ଜାତୀୟ ପରିବାର କଲ୍ୟାଣ ଯୋଜନାରେ ସାମିଲ୍ କରି ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଜିଲାପାଳଙ୍କ ସହ ସିଡିଏମଓ ଅଜିତ୍ କୁମାର ମହାନ୍ତି, ବି.ଡି.ଓ ଡ. ଗୁଣନିଧି ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳେଇ ଉପସ୍ଥିତ ଥିଲେ ।

# ଛୁଟିରେ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦେବା ଦର୍ଶାଇଛନ୍ତି ପ୍ରଧାନଶିକ୍ଷକ

**ମାଲକାନଗିରି,୬।୭ (ଡି.ଏନ୍.ଏ.)**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ଏବଂ ହଷ୍ଟେଲରେ ସରକାର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଛନ୍ତି। ମାତ୍ର ସରକାରୀ ଛୁଟି ଦିନଗୁଡିକରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ନାହିଁ। ମାତ୍ର ମାଲକାନଗିରି ଜିଲା ଖଇରପୁଟ ବ୍ଲକର ଏକ ବିଦ୍ୟାଳୟରେ ଛୁଟି ଦିନରେ ମଧ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ଏହି ବ୍ଲକର ବଡଡୁରାଲ ପଞ୍ଚାୟତ ବାଲିକୁଣ୍ଡ ପ୍ରାଥମିକ ବିଦ୍ୟାଳୟରେ ଏପରି ଘଟିଛି। ବିଦ୍ୟାଳୟର କାଗଜପତ୍ରରୁ ଏହା ଜଣାପଡିଛି। ଗତ ଜୁନ ୩୦ ତାରିଖ ରବିବାର ସରକାରୀ ଛୁଟି ଥିବା ସତ୍ତ୍ୱେ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିବାର ପିଲାଙ୍କୁ ମଧ୍ୟାହ୍ନଭୋଜନ ଦେଇଥିବା ଜିଲା ଶିକ୍ଷାଧିକାରୀଙ୍କ ମୋବାଇଲକୁ ମେସେଜ ପଠାଇ ଜଣାଇଛନ୍ତି। ଉକ୍ତ ଦିନ ୧୯ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିବା ଏଥିରେ କୁହାଯାଇଛି। ତେବେ ଏହି ଖବର ପାଇଲା ପରେ ମଧ ବ୍ଲକ ଶିକ୍ଷା ଅଧିକାରୀ କିମ୍ବା ଜିଲା ଶିକ୍ଷା ଅଧିକାରୀ କୌଣସି ପଦକ୍ଷେପ ନେଇନାହାନ୍ତି। ଘଟଣା ସମ୍ପର୍କରେ ଶିକ୍ଷା ବିଭାଗ ପଦାଧିକାରୀ ଏବଂ ଜିଲାପାଳ ସମ୍ପୃକ୍ତ ଗ୍ରାମକୁ ଯାଇ ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ପଚାରି ବିଦ୍ୟାଳୟର ନଥିପତ୍ର ତନଖି କଲେ ଅନେକ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। ସମ୍ପୃକ୍ତ ପ୍ରଧାନଶିକ୍ଷକ ମଧ ସବୁ ସମୟରେ ଉକ୍ତ ବିଦ୍ୟାଳୟକୁ ଯାଉ ନ ଥିବା ଅନେକ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କ ମତାମତ ନେବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା।

## ■ ଭାଇଚାରାର ପ୍ରମାଣ ଦେଲେ
# ରଥଯାତ୍ରାରେ ସବୁ ସମ୍ପ୍ରଦାୟ ଏକାଠି

**ମାଲକାନଗିରି,୬।୭ (ଡି.ଏନ୍.ଏ.)**

ମାଲକାନଗିରି ଭଳି ଜିଲାର ଓଡିଶାର ଶେଷ ସୀମା ଆନ୍ଧ୍ର ଏବଂ ଛତିଶଗଡକୁ ଲାଗି ରହିଛି ମୋଟୁ । ଏହି ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଛତିଶଗଡ ସୀମାର ସାବେରୀ ନଦୀ ଏବଂ ବାମ ପାର୍ଶ୍ୱରେ ରହିଛି ଆନ୍ଧ୍ର ସୀମାର ସିଲେରୁ ନଦୀ । ଦୁଇ ନଦୀର ମିଳନ ଘଟି ଏଠାରେ ସୃଷ୍ଟି ହୋଇଛି ଗୋଦାବରୀ ନଦୀ। ମୋଟୁ ଗ୍ରାମରେ ଦୁଇଶହ ରୁ ଉର୍ଦ୍ଧ୍ୱ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ୍‌ଙ୍କ ଏକତ୍ର ବସବାସ ଏବଂ ଚଳଣି ସେମାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କର ପ୍ରମାଣ



ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି ।

ଦିଏ। ବର୍ଷକର ବିଭିନ୍ନ ପର୍ବପର୍ବାଣିରେ ସମସ୍ତେ ଏକାଠି ହୋଇଥାନ୍ତି। ବିଶେଷ କରି ପ୍ରତି ବର୍ଷ ରଥଯାତ୍ରା ଓ ବାହୁଡା ଯାତ୍ରାରେ ଏହି ସମ୍ପ୍ରଦାୟର ଲୋକମାନେ ଏକଜୁଟ ହୋଇ ରଥଯାତ୍ରା ପାଳନ କରଥାନ୍ତି। ସମସ୍ତେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା ସହ ରଥ ଟାଣିଥାନ୍ତି। ଏପରି ଭାଇଚାରାର ନିଦର୍ଶନ ପାଲଟିଥିବା ଏହି ଅଧିବାସୀମାନେ ସମସ୍ତେ ସମସ୍ତଙ୍କ ପର୍ବପର୍ବାଣିରେ ସାମିଲ ହୋଇଥାନ୍ତି। ହିନ୍ଦୁଙ୍କ ରଥଯାତ୍ରା, ଦୁର୍ଗାପୂଜାରେ ଯେପରି ମୁସଲିମ ଓ ଖ୍ରୀଷ୍ଟିଆନ ଭଉଣୀଭାଇମାନେ ସାମିଲ ହୋଇଥାନ୍ତି, ସେହିପରି ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡଦିନ, ଶୁଭ ଶୁକ୍ରବାରରେ ମଧ ସବୁ ବର୍ଗର ଲୋକେ ସାମିଲ ହୋଇଥାନ୍ତି। ଏ ସମ୍ପର୍କରେ ମୋଟୁର ଶେଖ ରଫି, ଏମ.ଡି. ଦେବଦାନ, ବିଜୟ କୁମାର କହିଛନ୍ତି ଯେ, ଆଗାମୀ ଦିନରେ ଆମର ଏହି ଭାଇଚାରା ବଜାୟ ରଖିବା ପାଇଁ ଆମେ ପ୍ରତିଜ୍ଞାବଦ୍ଧ । ସମସ୍ତଙ୍କ ସବୁ ପର୍ବପର୍ବାଣିରେ ସାମିଲ ହୋଇ ଆମେ ଖୁବ୍ ଆନନ୍ଦ ପାଉ। ଆମର ଏହି ପରମ୍ପରା ଆମେ ସର୍ବଦା ବଜାୟ ରଖିବୁ। ମୋଟୁ ଥାନା ଆଇ.ଆଇ.ସି. ରଘୁନାଥ ମାଝିଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ନିଷ୍କାପର ଲୋକ ହିଁ ଅନ୍ୟର ନିଷ୍ଠାକୁ ଚିହ୍ନିପାରେ।
- କାର୍ଲାଇଲ





ରାୟଗଡାରେ ମହାପ୍ରଭୁଙ୍କ କୁର୍ମ ଅବତାର ।



ଗୁଣପୁର ସାନ ଗୁଣ୍ଡିଚା ମନ୍ଦିରରେ ଜଗନ୍ନାଥଙ୍କ କଚ୍ଛପ ଅବତାର ବେଶ ।



ମୁନିଗୁଡାରେ ଜଗନ୍ନାଥଙ୍କ କଚ୍ଛପ ବେଶ ।



ବିଷମକଟକରେ ମହାପ୍ରଭୁଙ୍କ ବରାହ ବେଶ ।

## ସଂକ୍ଷେପରେ

### ଟ୍ୟାଙ୍କର ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

**ଟିକିରି, ୬।୭ (ଡି.ଏନ୍.ଏ.):** କାଶୀପୁର ବ୍ଲକ ପଦର ପଞ୍ଚାୟତ କରଲ ଛକରେ ଉତ୍କଳ ଆଲୁମିନାର ଦୁର୍ଗାପୂଜା ଯାତ୍ରା ପଡିଆରେ ଥିବା ଇଲେକ୍ଟ୍ରି ଖୁଣ୍ଟିକୁ ଏକ ଆଲୁମିନା ବୋଝେଇ ଟ୍ୟାଙ୍କର ଧକ୍କା ଦେଇଛି। ଫଳରେ ଖୁଣ୍ଟିଟି ଭାଙ୍ଗିଯାଇଛି। ପ୍ରକାଶଯେ, କମ୍ପାନୀର ଆଲୁମିନା ବୋଝେଇ ଟ୍ରକକୁ ଏଠାରେ ରଖାଯାଏ। ଡ୍ରାଇଭରମାନେ ବେପରୁଆଭାବେ ଗାଡ଼ି ବୁଲାଇ ଇଲେକ୍ଟ୍ରି ଖୁଣ୍ଟିକୁ ବାରମ୍ବାର ଧକ୍କା ଦିଅନ୍ତି। ଫଳରେ ବିଦ୍ୟୁତ୍ ଖୁଣ୍ଟିଟି ଭାଙ୍ଗିଯାଇଛି। ଏହା ଉପରେ ପ୍ରଶାସନ କିମ୍ବା କମ୍ପାନୀ କର୍ତ୍ତୃପକ୍ଷ କେହି ଧ୍ୟାନ ଦେଉ ନ ଥିଲେ ବୋଲି ପୂର୍ବତନ ନାଏବ ସରପଞ୍ଚ ହଳଧର ନାଏକ କହିଛନ୍ତି।

### ୭୦ତମ ମହୋତ୍ସବ ପାଳିତ



**ଟିକିରି, ୬।୭ (ଡି.ଏନ୍.ଏ.):** କାଶୀପୁର ବ୍ଲକ ଟିକିରି ବନାଞ୍ଚଳ ପକ୍ଷରୁ ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପତି ମାଝି, ବନପାଳ କାମେଶ୍ୱର ଆଚାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଟିକିରି ଥାନାଧିକାରୀ ସୁଜ୍ଞାନୀ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚାରାରୋପଣ କରାଯାଇଛି। ଗଛ ବିନା ଜୀବନ ଅସମ୍ଭବ। ପରିବେଶ ସବୁଜ ସୁନ୍ଦର ରହିଲେ ମଣିଷ ସୁସ୍ଥ ରହିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ରଘୁନାଥ ବେହେରା, ବିଶ୍ୱମୋହନ ମହାନ୍ତି, କିଶୋର ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବନ ମହୋତ୍ସବ ପାଳିତ



**କାଶୀପୁର, ୬।୭(ଡ଼ି.ଏନ.ଏ):** କାଶୀପୁର ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିସରରେ କାଶୀପୁର ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କାଶୀପୁର ରେଞ୍ଜର ଅନୁପସିଂ ପୂଜାରି ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଶୀପୁର ବିଡିଓ ବେଦବର ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସାହୁ, କାଶୀପୁର ଫରେଷ୍ଟର ସୁବାସଚନ୍ଦ୍ର ପୂଜାରି, ହେମଚରଣ ବେହେରା, ମାନସ କୁମାର ପ୍ରଧାନ, ବ୍ରଜମୋହନ ଭୋଇ, ସୂର୍ଯ୍ୟ ପଟ୍ଟନାୟକଙ୍କ ସମେତ ବନବିଭାଗର ସମସ୍ତ କର୍ମଚାରୀ ଏବଂ ବିଦ୍ୟାଳୟର ସମସ୍ତ ଗୁରୁଜି, ଗୁରୁମା,ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

### ଆଇନଜୀବୀଙ୍କ ପରଲୋକ

**ରାୟଗଡ଼ା ଅଫିସ,୬।୭:** ରାୟଗଡା ଜିଲାର ବରିଷ୍ଠ ଆଇନଜୀବୀ ଗୋପାଳକୃଷ୍ଣ ପାଢ଼ୀ(୯୩)ଙ୍କ ପରଲୋକ ହୋଇଯାଇଛି ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମଣିଷ ଭାବେ ପରିଚିତ ଥିଲେ। ବିଭିନ୍ନ ସଂଗଠନ ସହ ଜଡିତ ରହି ଜିଲାର କିପରି ଉନ୍ନତି ହୋଇପାରିବ ସେଥିପ୍ରତି ଚେଷ୍ଟାରତ ଥିଲେ। ରାୟଗଡା ଲାୟନ୍ସ କ୍ଲବ ସଭାପତି ପଦରେ ରହିବା ସହ ଜଣେ କଂଗ୍ରେସର ଟାଣୁଆନେତା ଭାବେ ମଧ୍ୟ ଜଣାଶୁଣା ଥିଲେ। ଗୋପାଳକୃଷ୍ଣ ପାଢୀଙ୍କ ମୃତ୍ୟୁରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଜିଲା ବରିଷ୍ଠ ନାଗରିକ ମଙ୍ଗଳ ସଂଘ ସଭାପତି ବିନୋଦ ପଣ୍ଡା, ଉପଦେଷ୍ଟା ନରସିଂହ ନାଥ ପାଢ଼ୀ, ନିରଞ୍ଜନ ବକ୍ସିପାତ୍ର, ସତ୍ୟବାଦୀ ପତି, ବରିଷ୍ଠ ଓକିଲ ବ୍ରଜ ସୁନ୍ଦର ନାୟକ, ଦେବୀ ପ୍ରସାଦ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି।

■ ନିର୍ବାଚନ ଅସିଦ୍ଧ ଘୋଷଣା ମାମଲାରେ ମତ ରଖିଲେ ବିଧାୟକ

# ଯୁଗ ଯୁଗ ଧରି ଆମେ ଆଦିବାସୀ: ମକରନ୍ଦ

**ରାୟଗଡା ଅଫିସ୍, ୬।୭**

ରାୟଗଡା ବିଧାନସଭା ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ଏକ ନିର୍ବାଚନ ମାମଲା ରୁଜୁ ହୋଇଛି। ଏହି ମାମଲାକୁ ନେଇ ମତ ରଖିଛନ୍ତି ରାୟଗଡା ବିଧାୟକ ମକରନ୍ଦ ମୁଦୁଲି । ଶନିବାର ଖବରଦାତାଙ୍କୁ ସେ କହିଛନ୍ତି ଯେ, ଯୁଗ ଯୁଗ ଧରି ଆମେ ଆଦିବାସୀ । ମୁଁ ଝୋଡିଆ ପରଜା ସମ୍ପ୍ରଦାୟର । ତେଣୁ କିଏ ଆଦିବାସୀ ମାମଲା ଦାୟର କରିଥିବା ବ୍ୟକ୍ତି ଜାଣନ୍ତି ନାହିଁ । ମୁଁ କହିବି ଆଦିବାସୀ ନା ନାହିଁ । ଏହି ମାମଲା ସମ୍ପର୍କରେ ମୁଁ କୌଣସି ନୋଟିସ ପାଇନାହିଁ। ତେଣୁ ମୁଁ ଆଇନ୍‌ର ଆଶ୍ରୟ ନେବି ବୋଲି କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ମୋ ବିରୋଧରେ ରାଜନୈତିକ ଅଭିସନ୍ଧି ରଖାଯାଇଛି । ତଥାପି ଆଇନ ଉପରେ ମୋର ଭରସା



ମକରନ୍ଦ ମୁଦୁଲି ।

ରହିଛି ବୋଲି କହିଛନ୍ତି । ଅପରପକ୍ଷରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ସାକ୍ଷାତ କରିବା ସମ୍ପର୍କରେ ସେ କହିଛନ୍ତି ଯେ, ଝୋଡିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ନେଇ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ଦାବି ପୁନର୍ବାର ଉପସ୍ଥାପନା କରିଲି । ସେ ଝୋଡିଆଙ୍କୁ ଆଦିବାସୀ ମାନ୍ୟତା ନେଇ ଅବଗତ ରହିଥିବା ସୂଚନା ଦେଇଛନ୍ତି। ଉଚ୍ଚସ୍ତରୀୟ କମିଟି ସମ୍ମୁଖରେ ଝୋଡିଆ ସମେତ ଅନ୍ୟ ସମ୍ପ୍ରଦାୟର ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି ।

ପ୍ରକାଶଥାଉକି, ଆର.ହରିଶ ପଟ୍ଟନାୟକ ଏକ ମାମଲା ହାଇକୋର୍ଟରେ ରୁଜୁ କରିବା ସହ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ସେ ମାନ୍ୟବର ଅଦାଲତଙ୍କୁ ନିବେଦନ କରିଛନ୍ତି । ଆବେଦନକାରୀ ହରିଶ ନିଜ ମାମଲାରେ ଦର୍ଶାଇଛନ୍ତି ଯେ, ରାୟଗଡା ବିଧାନସଭା ଆସନ ଅନୁସୂଚିତ ଜନଜାତିବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । କିନ୍ତୁ ଏହି ଆସନରୁ ବିଜୟୀ ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ଅନୁସୂଚିତ ଜାତିବର୍ଗର ଅଟନ୍ତି । ସେ ଝୋଡିଆ ସମ୍ପ୍ରଦାୟର ହୋଇଥିବା ବେଳେ କିଭଳି ଅନୁସୂଚିତ ଜନଜାତି ବର୍ଗର ବୋଲି ନିଜର ପ୍ରାର୍ଥିପତ୍ରରେ ଦର୍ଶାଇଛନ୍ତି ତାହା ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନ ଅଧିକାରୀଙ୍କ ନିକଟରେ ଯେଉଁ ତଥ୍ୟ ଦର୍ଶାଇ ଶପଥ ପାଠ ହୋଇଥିଲା ତାହା ଆଇନ ଅନୁଯାୟୀ ହୋଇନାହିଁ । ଠିକ୍ ତଥ୍ୟ ମୁଦୁଲି ଦାଖଲ କରିନାହାଁନ୍ତି। ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ପଟ୍ଟନାୟକ ମାମଲା ରୁଜୁ କରିଛନ୍ତି । ମାମଲା ରୁଜୁପରେ ତୁରନ୍ତ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ପଟ୍ଟନାୟକ ଅଦାଲତଙ୍କ ନିକଟରେ ନିବେଦନ କରିଛନ୍ତି । ନିକଟରେ ବିଧାୟକ ମୁଦୁଲି ନୂତନ ଜାତିଗତ ପ୍ରମାଣପତ୍ର ନିମନ୍ତେ କାଶୀପୁର ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ । ହେଲେ ତାହା ଖାରଜ ହୋଇଯାଇଛି। କେଉଁ କାରଣରୁ ତାହା ଖାରଜ ହେଲା ଓ ସେ ନିର୍ବାଚନ ସମୟରେ ଯେଉଁ ଜାତିଗତ ପ୍ରମାଣପତ୍ର ଦାଖଲ କରିଛନ୍ତି ତାହାର ସତ୍ୟତା ଅନୁସନ୍ଧାନ କରିବାକୁ ମଧ୍ୟ ଦାବି କରିଥିଲେ ।

# ନିୟମଗିରିରୁ ମିଲିସିଆ ଗିରଫ



ଖବରଦାତା ସମ୍ମିଳନୀରେ ଏସପି ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଗିରଫ ମିଲିସିଆ ।

**ରାୟଗଡା ଅଫିସ୍, ୬।୭**

ରାୟଗଡା ଜିଲା କଲ୍ୟାଣସିଂହପୁର ପୋଲିସ ଦ୍ୱାରା ଜଣେ ମିଲିସିଆ ମାଓବାଦୀ ଗିରଫ ହୋଇଛନ୍ତି । ସେ ହେଲେ ମାୟାବାଲି ଗ୍ରାମର ସିକୁନୁ ସିକ୍କା । ୨୦୧୭ ଫେବୃୟାରୀ ୧୦ ତାରିଖରେ ଠିକା କ୍ୟାମ୍ପ ଉପରେ ଆକ୍ରମଣ ଓ ପୋଡାଜଳା ଘଟଣାରେ ସେ ସମ୍ପୃକ୍ତ ଅଛନ୍ତି। ୩୧ବର୍ଷୀୟ ସିକୁନୁ କିଛି ବର୍ଷ ହେବ ମାଓବାଦୀଙ୍କ ଜଣେ ଦୃଢ଼ ସମର୍ଥକ ରହି ଆସିଥିଲେ। ନିୟମଗିରି ପାହାଡରେ ରହୁଥିବା ଡଙ୍ଗରିଆଙ୍କ ଉପରେ ଦମନ ଏବଂ ମାଓବାଦୀ ସଙ୍ଗଠନ ପାଇଁ ଅର୍ଥ ଆଦାୟ କରିବା, ପୋଷ୍ଟର ଓ ବ୍ୟାନର ଲଗାଇବା କାର୍ଯ୍ୟରେ ସେ ସାମିଲ ଥିଲେ। ସେହିଭଳି ସରକାରଙ୍କ ବିଭିନ୍ନ ଯୋଜନାକୁ ବିଫଳ କରିବାରେ ସେ ନିୟମଗିରି ପାହାଡରେ କାର୍ଯ୍ୟ କରି ଆସୁଥିଲେ । ଏଭଳିକି ଆଦିମ ଜନଜାତି ଡଙ୍ଗରିଆକନ୍ଧ ସମ୍ପ୍ରଦାୟର ଯୁବତୀଯୁବକମାନଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ ହେବା ପାଇଁ ସେ ପ୍ରବର୍ତ୍ତାଉଥିଲେ । ବିଭିନ୍ନ ମାଓବାଦୀ ହିଂସାରେ ସାମିଲ ରହିବା ସହ ବଂଶଧାରା-ଘୁମସର-ନାଗାବଳୀ ଡିଭିଜନାଲ କମିଟିରେ ସକ୍ରୀୟ ମିଲିସିଆ ଭାବେ କାର୍ଯ୍ୟ କରୁଥିଲେ । ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଶ୍ରବଣ ବିବେକ ଏମ. ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ୨୦୧୭ ଫେବୃୟାରୀ ୧୦ତାରିଖରେ କଲ୍ୟାଣସିଂହପୁର ବ୍ଲକ୍ ପାର୍ସାଲି ଗ୍ରାମ ନିକଟରେ ଠିକା କ୍ୟାମ୍ପ ଉପରେ ଆକ୍ରମଣ କରି ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଏକ୍ସକେଭାଟର ଜାଳି ଦେଇଥିଲେ । ଏହି ଘଟଣା ନେଇ ଠିକାଦାର ଦିନବନ୍ଧୁ ଚୌଧୁରୀ କଲ୍ୟାଣସିଂହପୁର ଥାନାରେ ଏକ ମାମଲା ରୁଜୁ କରିଥିଲେ । ପୋଡାଜଳାରେ ଯେଉଁ ୧୦ରୁ ୧୫ଜଣ ମାଓବାଦୀ ସମ୍ପୃକ୍ତ ଥିଲେ ସେଥି ମଧ୍ୟରୁ ସିକୁନୁ ଅନ୍ୟତମ ଥିଲେ । ଶୁକ୍ରବାର ରାତିରେ କଲ୍ୟାଣସିଂହପୁର ପୋଲିସ ସିକୁନଙ୍କୁ ଗିରଫ କରିଥିଲା । ପୋଲିସ ଏକ ମାମଲା (ନଂ୧୧/୧୭) ରୁଜୁ କରି ଶନିବାର କୋର୍ଟଚାଲାଣ କରିଛି।

■ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାରୁ ବଞ୍ଚିତ ହେଲେ ୧୨ ଛାତ୍ରୀଛାତ୍ର

# ୪ ଶହ ଟଙ୍କା ନେଇ ଫର୍ମ ପୂରଣ କଲେନି ପ୍ରଧାନ ଶିକ୍ଷକ

**ରାୟଗଡା ଅଫିସ୍, ୬।୭**

ରାୟଗଡା ଜିଲା କୋଲନରା ବ୍ଲକ୍ ପିଣ୍ଡାପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୧୨ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ପ୍ରଧାନ ଶିକ୍ଷକଙ୍କ ଅବହେଳାରୁ ସେମାନେ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ ଉକ୍ତ ଛାତ୍ରୀଛାତ୍ର ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଜଣାଇବା ସହ ପରୀକ୍ଷା ଦେବା ନେଇ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି । ଏହି ବିଦ୍ୟାଳୟର ୧୧ଜଣ ରେଗୁଲାର ଓ ଜଣେ ଏକ୍ସ ରେଗୁଲାର ବର୍ଗର ଛାତ୍ରୀଛାତ୍ର ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଫର୍ମ ପୂରଣ ପାଇଁ ପ୍ରଧାନ ଶିକ୍ଷକ ପ୍ରଦୀପ ନାୟକଙ୍କୁ ୪୦୦ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ହେଲେ ଟଙ୍କା ନେଇ ପ୍ରଧାନ ଶିକ୍ଷକ ନାୟକ ଉକ୍ତ ୧୨ଜଣ ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ କରି ନ ଥିଲେ । ଟଙ୍କା ପୈଠ ପରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ନ ଆସି ନିଜ ପାଠପଢ଼ାରେ ବ୍ୟସ୍ତ ରହିଥିଲେ । ତେବେ ୨ଦିନ ପୂର୍ବେ ଆଡମିଟ କାର୍ଡ ସମ୍ପର୍କରେ ପଚାରିବା ପାଇଁ ବିଦ୍ୟାଳୟକୁ ଯିବାରୁ ଫର୍ମ ପୂରଣ ହୋଇ



ଛାତ୍ରମାନେ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି ।

ନ ଥିବା ଛାତ୍ରୀଛାତ୍ରମାନେ ଜାଣିବାକୁ ପାଇଥିଲେ। ଏନେଇ ସେମାନେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଫର୍ମ ପୂରଣ କାହିଁକି ହୋଇନାହିଁ ତାହା ବୁଝିବି ବୋଲି କହିଥିଲେ । ଏହା ଅଭିଭାବକୁ ଜଣାଇବା ପରେ ସେମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହି ୧୨ଛାତ୍ରୀଛାତ୍ର ହେଲେ ମୁକେଶ କୁଲେସିକା, ରଣସିଂ ହିକ୍କା, ରିତିକ କଣ୍ଡାଗରୀ, ହେମନ୍ତ ମହାନନ୍ଦିଆ, ସଞ୍ଜିବ କୁଲେସିକା, ଅନ୍ନପୂର୍ଣ୍ଣା ମହାନନ୍ଦିଆ, ଚାନ୍ଦିନୀ କାଡ୍ରାକା, ସନ୍ଧ୍ୟା ମହାନନ୍ଦିଆ, ସଶିମା ମାଣ୍ଡାଙ୍ଗୀ, ଡମ୍ବରୁ ଓ ଉନତି କୁଲେସିକ। ଏକ୍ସ ରେଗୁଲାର ବର୍ଗର ଛାତ୍ରଙ୍କ ନାମ ହସ୍ତଗତ ହୋଇପାରିନାହିଁ। ସେମାନଙ୍କ ମଧ୍ୟରୁ ୪ଜଣ ରାୟଗଡା ଆସି ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଅଭିଯୋଗ ଦାଖଲ କରିଛନ୍ତି । ପ୍ରଧାନ ଶିକ୍ଷକଙ୍କ ତ୍ରୁଟି ପାଇଁ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବା କହିଛନ୍ତି। ଅଭିଯୋଗ ପାଇବାପରେ ଜିଲା ଶିକ୍ଷାଧିକାରୀ ବରିହା କହିଛନ୍ତି ଯେ, ମୁଁ ଅଭିଯୋଗ ପାଇଛି । ଏହି ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଆସନ୍ତା ୮ତାରିଖରୁ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଏହାକୁ ନେଇ ଛାତ୍ରୀଛାତ୍ର ଚିନ୍ତାରେ ରହିଛନ୍ତି ।

# ଜିଆଇଇଟିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଗୁଣପୁର,୬।୭(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୋରାପୁଟ ଆଞ୍ଚଳିକ ବନ ସଂରକ୍ଷକ ସୁଦୀପ୍ତ ଦାସ, ରାୟଗଡା ଜିଲା ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ଗୁଣପୁର ବନାଞ୍ଚଳ ଅଧିକାରୀ ଅଶୋକ କୁମାର ପ୍ରଧାନ, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ. ଏନ.ଭି.ଜେ. ରାଓ, ପ୍ରିନ୍ସିପାଲ ଡ.କେ.ସେନ୍ଥିଲ କୁମାର, ଡିନ ଏଗ୍ରିକାଲଚର ସନ୍ତୋଷ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ଅଶୋକ ମିଶ୍ର, ପ୍ରଫେସର କୈଳାସଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ରଶ୍ମିପ୍ରଭା ମହାରଣା, ଏନ୍‌ଏସ୍‌ଏସ୍‌ର ଆବାହକ ପ୍ରେମାଂଶୁ ରଥ, କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତିର୍ମୟ ମିଶ୍ର, କ୍ରୀଡା ଅଧ୍ୟାପକ ରବୀନ୍ଦ୍ର ପଣ୍ଡା, ଏସ.ଶିବାଜୀଙ୍କ ସମେତ ବନ ବିଭାଗର ନୀଳମାଧବ ପାଢୀ, ଦାମୋଦର ମିଶ୍ରଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି ଚାରା ରୋପଣ କରିଥିଲେ ।

# ଗର୍ଭବତୀଙ୍କ ଯତ୍ନ ପାଇଁ କିନ୍ନରଙ୍କୁ ତାଲିମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଗୁଣପୁର,୬।୭(ଡି.ଏନ.ଏ)**

ଗର୍ଭବତୀ, ପ୍ରସୂତି ଏବଂ ନବଜାତ ଶିଶୁମାନଙ୍କ ଯତ୍ନ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେମାନେ କିପରି ଯତ୍ନ ନେବେ ସେନେଇ କିନ୍ନରମାନଙ୍କୁ ତାଲିମ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ୪ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ.ରମେଶ ସାହୁ, ଜିପିଇଓ ପତିତପାବନ ବିଶୋୟୀ , କିନ୍ନର ସଂଘ ସମ୍ପାଦକ ସାଧନା ମିଶ୍ର, କାର୍ଯ୍ୟକ୍ରମ ପରିଚାଳକ ଶୁଭ ପ୍ରସାଦ କ୍ରିଷ୍ଣା, ଆଇସଡିଏସ ସୁପରଭାଇଜର ରମ୍ଭା ସେନାପତି ,ଜିଲା କିନ୍ନର ସଂଘ ସମ୍ପାଦକ ପିଙ୍କି ମହାପାତ୍ର ଉପସ୍ଥିତ ଥିଲେ।

■ ପଠନ ଦକ୍ଷତା ସମୀକ୍ଷା କର୍ମଶାଳା

# ସ୍ଥାନୀୟ ଭାଷାରେ ଶିକ୍ଷା ଦେବାକୁ ପରାମର୍ଶ



କର୍ମଶାଳାରେ ଉପସ୍ଥିତ ଅତିଥି ।

**ମୁନିଗୁଡା, ୬।୭ (ଡି.ଏନ୍.ଏ.)**

ମୁନିଗୁଡା ନିକଟବର୍ତ୍ତୀ ହୁକୁମତୋଳା ନିସାଦ୍ରୀ ପବ୍ଲିକ୍ ସ୍କୁଲରେ ଶନିବାର ୟୁନିସେଫ୍‌ସହାୟତା ଏବଂ ଶିକ୍ଷା ସନ୍ଧାନର ପରିଚାଳନା କ୍ରମେ ପଠନ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମର ସମୀକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲା ପ୍ରକଳ୍ପ ସଂଯୋଜକ ଡ. ଚନ୍ଦନ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କର୍ମଶାଳାକୁ ବିଇଓ ରାଧାକାନ୍ତ ଛତ୍ରୀ ଉଦ୍‌ଘାଟନ କରିଥିଲେ। ରାୟଗଡ଼ା ଜିଲାର ୮୫ଟି ସ୍କୁଲରେ ପରୀକ୍ଷାମୂଳକଭାବେ ଉକ୍ତ କାର୍ଯ୍ୟକ୍ରମ ଚାଲିଛି। ପୂର୍ବ ଅଭିଜ୍ଞତା ଭିତ୍ତିରେ ଆଗାମୀ ଦିନରେ ଏହାକୁ କିପରି ଅଧିକ କ୍ରୀୟାଶୀଳ କରାଇହେବ ସେ ନେଇ ଡ.ସିଂହ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମତାମତ ଲୋଡିଥିଲେ। ଶିକ୍ଷଣ ସାଧନ ସାମଗ୍ରୀ ମାଧ୍ୟମରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଠନ ଦକ୍ଷତାର ବୃଦ୍ଧି କରିବା ସହଜ ବୋଲି ମୁଖ୍ୟ ଅତିଥି ମତ ଦେଇଥିଲେ। ସମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଥମିକ ଶିକ୍ଷକମାନେ ସ୍ଥାନୀୟ ଭାଷା, ସାଧନ ସାମଗ୍ରୀ ବ୍ୟବହାର ସହ ଛାତ୍ରୀଛାତ୍ରମାନଙ୍କୁ ଗ୍ରାମ ବିକାଶ ଅଭିମୁଖେ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏ. ଭାସ୍କର ରାଓ, ସର୍ବଶିକ୍ଷା ଅଭିଯାନ ଜିଲା ବାଳିକା ସଂଯୋଜକ ସୁରେନ୍ଦ୍ର ସାଥୁଆ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଏବଂ ସିଆର୍‌ସିସିମାନେ ଉପସ୍ଥିତ ଥିଲେ। ଗୁଣନିଧି ସାହୁକାର, ତ୍ରିପତି କିଲାକା, ବିଜୟ କୁମାର ମଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଗୁଣପୁର ବିଧାୟକଙ୍କ କସ୍ତାବାରିଡି ଗ୍ରାମ ଗସ୍ତ

# ପାହାଡ଼ ଚଢ଼ିଲେ, ସମସ୍ୟା ବୁଝିଲେ

**ରାମନାଗୁଡ଼ା,୬।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ପାରିଖିତି ପଞ୍ଚାୟତ ଅଧୀନ ପାହାଡ଼ ଉପରରେ ଥିବା ଗାଁ କସ୍ତାବାରିଡ଼ିକୁ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଗସ୍ତ କରିଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ବିଧାୟକ ୪ କି.ମି. ପାହାଡ଼ିଆ ରାସ୍ତା ଦେଇ ଉକ୍ତ ଗ୍ରାମରେ ପହଞ୍ଚିଥିଲେ । ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ । ଗ୍ରାମରେ ପକ୍କା ରାସ୍ତା ଓ ପାନୀୟଜଳ ମୁଖ୍ୟ ସମସ୍ୟା ରହିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ କରିବାକୁ ବିଭାଗୀୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମରେ ପିଲାସଂଖ୍ୟା କମ୍ ଥିବାରୁ ସ୍କୁଲ ବନ୍ଦ ହୋଇଯାଉଛି। ସେଠାରେ ପିଲାମାନେ ଅନ୍ୟତ୍ର ଆବାସିକ ବିଦ୍ୟାଳୟରେ ପଢୁଛନ୍ତି। ମାତ୍ର ଉଚ୍ଚ ଶିକ୍ଷା ନିମନ୍ତେ କୌଣସି ସୁବିଧା ନ ଥିବାରୁ ପଢ଼ା ଛାଡ଼ିଥିବା ପିଲାମାନଙ୍କ ଲାଗି ରାସ୍ତା ବାଧକ ସାଜିଛି ବୋଲି ବିଧାୟକଙ୍କ



ବିଧାୟକ ଯୁବତୀମାନଙ୍କ ସହ ଆଲୋଚନା କରୁଛନ୍ତି ।

ଦୃଷ୍ଟି ଆକର୍ଷଣ କରିଥିଲେ ଗ୍ରାମବାସୀ । ବିଦ୍ୟାଳୟ ଘରର ଛାତ ଉଡିଯାଇଥିବାରୁ ତାହା ମରାମତି କରି ଗ୍ରାମର ଅନ୍ୟାନ୍ୟ କାମରେ ବ୍ୟବହୃତ ହୋଇପାରିବ ବୋଲି ବିଧାୟକ କହିଥିଲେ। ଗ୍ରାମର ବୃଦ୍ଧାବୃଦ୍ଧଙ୍କୁ ପେନସନ ଯୋଗାଇ ଦେବାକୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ସମୟରେ ବିଧାୟକଙ୍କ ସହିତ ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ ତଥା ବ୍ଲକ କର୍ମଚାରୀ ଏବଂ ସ୍ଥାନୀୟ ନେତା ଗଗନ ଆଚାର୍ଯ୍ୟ, ରଞ୍ଜନ ନାୟକ ବେହେରା, ଦିଲୀପ ନାୟକବେହେରା, ମକର ଧୋବା, ମାଧବ ମୁଟିକା ପ୍ରମୁଖ ଗସ୍ତ କରିଥିଲେ ।